# Akashvani, Sambalpur

## SAMBALPURI NEWS BULLETIN

### 10 May 2025- 6.47- 6.52 am.

*********************************************

ଭାରତ୍- ପାକିସ୍ତାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଅପରେସନ୍ ସିନ୍ଦୁର୍ ଉତ୍‌ରୁ ଭାରତ୍- ପାକିସ୍ତାନ୍ ଭିତ୍‌ରେ ଦେଖାଦେଇଥିବା ଥିତିକେ ନେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାରାତି ତାଙ୍କର୍ ଆବାସିକ କାର୍ଯ୍ୟାଳୟ ନ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପ୍ରତିରକ୍ଷାମନ୍ତ୍ରୀ ରାଜ୍‌ନାଥ୍ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍, ତିନ୍‌ହି ସେନା ମୁଖ୍ୟ ଆର୍ ଅଧିକାରୀମାନେ ଯୋଗ୍ ଦେଇକରି ଦେଶର୍ ଇହାଦେର୍ ପରିସ୍ଥିତି ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କୁ ଜନେଇଥିଲେ । ସେଆଡ଼େ ଗଲାରାତି ଭିଲ୍ ସିମ୍‌ନା ଇଲାକା ନ ପାକିସ୍ତାନୀ ସେନା ଗୁଲିଗୁଲା ମାଡ଼ ଜାରି ରଖିଛେ । ଗଲା ରାତି ଜମ୍ମୁ କାଶ୍ମୀର୍‌ର ବାରାମୁଲ୍ଲା ଠାନୁ ମୁଲ୍ କରିକରି ଗୁଜୁରାତ୍‌ର ଭୁଜ୍ ତକ୍ ଅନ୍ତର୍ଜାତୀୟ ସୀମାରେଖା ଆଉ ନିୟନ୍ତ୍ରଣ୍ ରେଖା ପାଖେ ୨୬ ଟା ଜାଗା ନ ପାକିସ୍ତାନୀ ଡ୍ରୋନ୍ ଉଡୁଥିବାର୍ ଦେଖାଯାଇଥିଲା ।

ବଡ଼ଭାଗୀ ଜାଗା ନ ପାକିସ୍ତାନୀ ଡ୍ରୋନ୍‌କେ ଭାରତୀୟ ସେନା ନଷ୍ଟ କରିଦେଇଛେ ।
ଥିତି ବାବ୍‌ଦେ ଆଏଜ୍ ଦିନର୍ ୧୦ ବଜେ ଭାରତୀୟ ସେନା ତରଫୁ ସାମ୍ବାଦିକ୍ ସମ୍ମିଳନୀ ଜରିଏ ସୂଚ୍‌ନା ଦିଆଯିବା ।

ଓଡ଼ିଶା ଥିତି- ମୁଖ୍ୟମନ୍ତ୍ରୀ        ଆର୍‌ଏନ୍‌ୟୁ ସମ୍ବଲପୁର/ I&PR

ଭାରତ୍-ପାକିସ୍ତାନ୍ ଉତେଜନା ଭିତ୍‌ରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ରାଜ୍ୟର୍ ସୁରକ୍ଷା ଥିତିର୍ ସମୀକ୍ଷା କରିଛନ୍ । ବୈଠକ୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ କହିଛନ୍, ଥିତିକେ ନଜର୍‌ଥି ରଖିକରି ସାରା ରାଏଜେ ହାଇଆଲର୍ଟ ଜାରି କରାଯାଇଛେ । ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍, ପୁରୀ ଶ୍ରୀମନ୍ଦିର୍, ହୀରାକୁଦ୍ ଡେମ୍, ଚାନ୍ଦିପୁର୍ କ୍ଷେପଣାସ୍ତ୍ର ଘାଟି ଆର୍ ସମୁଦ୍ରଖଁଡ଼ି ଇଲାକାମାନ୍‌କେ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା କରାଯୋଇଛେ । ହୀରାକୁଦ୍ ନ ବ୍ଲେକ୍ ଆଉଟ୍ ଘୋଷ୍‌ନା କରାଯାଇକରି ଡେମ୍ ଆର୍ ଦୁହି ମୀନାର୍‌କେ ସାଧାରଣ୍ ଲୁକ୍‌କୁ ମନା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।
ସେଆଡ଼େ ଜମ୍ମୁର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନ ପାଠ୍‌ପଢୁଥିବା ଶହେ ୧୪ ଝନ୍ ଓଡ଼ିଆ ଛାତ୍ରଛାତ୍ରୀ ଙ୍କୁ ସୁରକ୍ଷିତ୍ ଭାବେ ଓଡ଼ିଶା ଫିରେଇ ଆନ୍‌ବାର୍ ଲାଗି କଂଟ୍ରୋଲ୍ ରୁମ୍ ଖୁଲାହେଇଛେ । ନୂଆଦିଲ୍ଲୀ ଓଡ଼ିଶା

ନିବାସ୍ କଂଟ୍ରୋଲ୍ ରୁମ୍ ନମ୍ବର୍ ୭୪୨୮-୧୩୫-୦୪୪ ଆର୍ ୦୧୧-୨୪୬୭-୯୨୦୧ ଆଉ ଭୁବ୍‌ନେଶ୍ୱର ସଂସ୍କୃତି ଭବନ୍ କଂଟ୍ରୋଲ୍ ରୁମ୍ ନମ୍ବର୍ ୦୬୭୪-୨୪୩-୧୯୪୫ ଆର୍ ୯୫୮-୩୩୨-୧୯୬୪ ଜାରି କରାଯାଇଛେ ।

ସ୍ୱରାଷ୍ଟ୍ରମନ୍ତ୍ରଣାଳୟ ଚିଠି ଆର୍‌ଏନ୍‌ୟୁ/ କଟକ୍

ଭାରତ୍ - ପାକ୍ ଉତେଜନା ଥିତିକେ ନେଇକରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତର୍‌ଫୁ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ମୁଖ୍ୟ ଶାସନ୍ ସଚିବ ମାନ୍‌କୁ ଚିଠି କରାଯାଇଛେ । ଚିଠିଥି ଯୁଦ୍ଧ କି ଯୁଦ୍ଧ ବାଗିର୍ ଥିତି ଦେଖାଦେଲେ ଦର୍‌କାରୀ ଉପାୟ ଆର୍ କୌଶଲ୍‌କେ କାର୍ଯ୍ୟକାରୀ ବାବ୍‌ଦେ କୁହାଯାଇଛେ । ନାଗରିକ୍‌ମାନ୍‌କର୍ ସୁରକ୍ଷା ଲାଗି ଦର୍‌କାର୍ ପଡ଼୍‌ଲେ ଜରୁରୀ କ୍ଷମତାର୍ ବେଭାର୍ କର୍‌ବାର୍‌କେ ମୁଖ୍ୟ ଶାସନ୍ ସଚିବ ଆଉ ପ୍ରଶାସକମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ବିମାନ୍ ବନ୍ଦର୍ ବନ୍ଦ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀନଗର୍ ଆଉ ଚଣ୍ଡିଗଡ଼୍ ସହେତେ ଦେଶର୍ ପର୍ଶ୍ଚିମ ଆଉ ଉତର୍ ଇଲାକାର୍ ପାଖାପାଖି ୩୨ ଟା ବିମାନ୍ ବନ୍ଦର୍‌କେ ମେ ୧୪ ତକ୍ ବନ୍ଦ୍

କରାଯାଇଛେ । ଭାରତ୍ - ପାକିସ୍ତାନ୍ ଭିତ୍‌ରେ ଚାଲିଥି ଯୁଦ୍ଧ ପରିସ୍ଥିତିକେ ନଜର୍‌ଥି ରଖିକରି ନାଗରିକ୍‌ମାନ୍‌କର୍ ସୁରକ୍ଷା ଲାଗି ଆଘୋନୁ ମେ' ୧୦ ତକ୍ ବିମାନ୍ ସେବା ମାନ୍ ବନ୍ଦ କରାଯାଇଥିବାର୍ ବେଲେ ଇହାଦେ ଇତାକେ ଆଉ ୪ ଦିନ୍ ବଢ଼ାଯାଇଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ଆଏବା ସୋମ୍‌ବାର୍ ଦିନ ସର୍‌କାରୀ ଛୁଟି ଥିବାର୍‌ନୁ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରାଜ୍ୟସ୍ତରୀୟ ବିଶ୍ୱ ମାତୃତ୍ୱ ଦିବସ I&PR

ଦେଶର୍ ଏଛ୍‌ନିର୍ ଥିତିକେ ନେଇକରି ମେ ୧୧ ତାରିଖ୍ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ବିଶ୍ୱ ମାତୃତ୍ୱ ଦିବସ୍ ସମାରୋହକେ ଉତ୍ସବ୍ ଆକାରେ ପାଲନ୍ ନାଇଁ କର୍‌ବାର୍‌କେ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ନିଷ୍ପତି ନିଆଯାଇଛେ । ସେଲ୍‌ଫି ପ୍ରତିଯୋଗିତାର୍ ବିଜେତାମାନ୍‌କୁ

ଆଏବା ଦିନେ ସୁଭଦ୍ରା ମଂଚ ନ ପୁରସ୍କୃତ କରାଯିବା ବଲି ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମିଶା ବନ୍ଦୀ ପେନ୍ସନ୍ I&PR

ଜରୁରୀକାଲୀନ୍ ଥିତି ସମିଆଥି ଜେଲ୍ ଯାଇଥିବା ଆଉ ୨୩ ଝନ୍ ସଂଗ୍ରାମୀଙ୍କୁ ପେନ୍ସନ୍ ଦେବାର୍ ବାବଦ୍ ପ୍ରସ୍ତାବ୍‌କେ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ କରିଛନ୍ । ଇଥି ୧୯ ଝନ୍ ମିଶା ଆର୍ ୪ ଝନ୍ ଡି.ଆଇ.ଏସ୍.ଆଇ.ଆର୍ ବନ୍ଦୀ ଅଛନ୍ । ଇତାର୍ ଆଘୋନୁ ୨୧ ଝନ୍‌କର୍ ପେନ୍ସନକେ ଅନୁମୋଦନ୍ କରାଯାଇଥିଲା । ଇହାଦେ ଇତାକେ ମିଶେଇକରି ୪୪ ଝନ୍ ମିଶା ବନ୍ଦୀ ପେନ୍ସନ୍ ପାଏବାର୍ ଲାଗି ଯୋଗ୍ୟ ବିବେଚିତ ହେଇଛନ୍ ।

ଅତିରିକ୍ତ ଭତା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ଭତା ପାଉଥିବା ଲୁକ୍‌କୁ ଇ ମାସେ ଅଏତ୍‌କା ୪ ଶହ ଟଙ୍କା ସାହାଜ୍ ମିଲ୍‌ବା । ମଧୁବାବୁ ପେନ୍ସନ୍ ଆର୍ ଜାତୀୟ ସାମାଜିକ୍ ସହାୟତା କାର୍ଯ୍ୟକ୍ରମ୍‌ଥି ପାଖାପାଖି ୫୬ ଲାଖ୍ ନୁ ଅଏତ୍‌କା ଭତା ପାଉଥିବା ଲୁକେ ଇ ମାସେ ଇ ଅତିରିକ୍ତ ସାହାଜ୍ ଟଙ୍କା ପାଏବେ ।

ବିଶ୍ୱ ବିଦେଶୀ ପକ୍ଷୀ ଦିବସ୍ ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ବିଦେଶୀ ପକ୍ଷୀ ଦିବସ୍ । ଆଫ୍ରିକୀୟ-ୟୁରୋଏସିୟ ବିଦେଶୀ ଜଳ ପକ୍ଷୀ ମାନ୍କର୍ ସଂରକ୍ଷଣ୍ ଲାଗି ୨୦୦୬ ମସିହା ନ ମିଳିତ ଜାତିସଂଘର୍ ଚୁକ୍ତିନାମା ଅନ୍ସାରେ ଫି’ ବଛର୍ ମେ ମାସର୍ ୨ ନମ୍ବର୍ ଶନିବାର୍ ଇ ଦିବସ୍ ପାଲନ୍ କରାଯାଇ ଆସୁଛେ । ପୁର୍ଥିର୍ ଶହେ ୧୮ ଟା ଦେଶ୍ ଇ ଦିବସ୍କେ ପାଲନ୍ କର୍ବାର୍କେ ପଦକ୍ଷେପ୍ ନେଇଛନ୍ । ବିଶ୍ୱ ବିଦେଶୀ ପକ୍ଷୀ ଦିବସ୍ର ଇ ବଛରର୍ ବାର୍ତା ହେଉଛେ - ‘ପକ୍ଷୀମାନ୍କର୍ ସୁବିଧା ଅନ୍ସାରେ ସହର୍ ଆଉ ଜନବସତି ବନାବାର୍’ ।

ସମ୍ବଲ୍ପୁର୍- ଧାନ୍ ଘିନା ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ନ ଆଉ ୩ ଦିନ୍ ଉତ୍ରୁ ରବି ଧାନ୍ ଘିନା ଲାଗି ମଣ୍ଡି ଖୁଲ୍ବା । ଗଲା ଏପ୍ରିଲ୍ ୨୯ ତାରିଖ୍ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ୍ଥି ଇ ନିଷ୍ପତି ହେଇଥିଲା । ଧାନ୍ ଘିନା ଲାଗି ୫୮ ଟା କେନ୍ଦ୍ର ଖୁଲ୍ବା । ଧାନ୍ ବିକ୍ବାର୍ ଲାଗି ୧୬ ହଜାର୍ନୁ ଅଏତ୍କା ଚାଷୀ ନାଁ ପଞ୍ଜିକରଣ୍

କରିଛନ୍ । ଇ ବଛର୍ ରବି ଋତୁଥି ୧୦ ଟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଉ ୩୨ ଟା ପ୍ରାଥମିକ୍ କୃଷି ସମବାୟ ସମିତି ଭାଗ୍ ନେବେ ।

ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସମ୍ଭାବ୍ୟ ବନ୍ୟା ଥିତିର୍ ମୁକାବିଲା ଲାଗି ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ଅନ୍ୟା ଦାସଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ ନ ଆଗ୍‌କେ ଜିଲ୍ଲା ନ ବନ୍ୟା ଥିତିର୍ ମୁକାବିଲା ଲାଗି ଭିନ୍ ଭିନ୍ ବିଭାଗ୍‌ର ପ୍ରସ୍ତୁତି ଆଉ କାମ୍ ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରାଯାଇଥିଲା ।